<u>ଆସନ୍ତା ଡିସେମ୍ବର ୨୧ ଏବଂ ୨୨ରେ</u>

# ଅହମ୍ମଦାବାଦଠାରେ ଭାରତୀୟ ଜନତା ପାର୍ଟିର
# ୨ ଦିନିଆ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ମହାଅଧିବେଶନ

- **ଯୋଗ ଦେବା ପାଇଁ ଓଡିଶାରୁ ଶତାଧିକ ମହିଳା କାର୍ଯ୍ୟକର୍ତାଙ୍କ ଅହମଦାବାଦ ଗସ୍ତ**
- **ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଅଧକ୍ଷ ପ୍ରମୁଖ ଦେବେ ଉଦ୍‌ବୋଧନ**
- **ରାଜ୍ୟରେ ବଢିଚାଲିଥିବା ମହିଳା ଅତ୍ୟାଚାର, ନାବାଳିକା ଦୁର୍ଷ୍କର୍ମ ଆଦି ପ୍ରସଙ୍ଗରେ ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ସହ ବିସ୍ତୃତ ଆଲୋଚନା କରାଯିବ**

**ଭୁବନେଶ୍ୱର, ତା,୧୮/୧୨:** ଗୁଜୁରାଟର ଅହମ୍ମଦାବାଦଠାରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ମହାଧିବେଶନ ଆସନ୍ତା ଡିସେମ୍ବର ୨୧, ୨୨ ଏବଂ ୨୩ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରୀମତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ମହିଳା ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ଗତ କାଲି ଅହମ୍ମଦାବାଦ ଗସ୍ତ କରିଛନ୍ତି । ୨୧ ଡିସେମ୍ବର ଅପରାହ୍ନ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଅଧିବେଶନକୁ ଉଦ୍‌ଘାଟନ କରିବେ। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଶ୍ରୀବିଜୟ ରୂପାନୀଙ୍କ ସମେତ ତାଙ୍କର ମନ୍ତ୍ରୀମଣ୍ଡଳ ପ୍ରମୁଖ ଉପସ୍ଥିତ ରହିବେ। ଡିସେମ୍ବର ୨୨ ତାରିଖ ଅପରାହ୍ନରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ମହାଅଧିବେଶନର ସମାପନ ଉତ୍ସବରେ ଯୋଗଦେବେ ବୋଲି ଶ୍ରୀମତୀ ପରିଡା ସୁଚନା ଦେଇଛନ୍ତି।

ଏହି ମହାଧିବେଶନରେ ଦେଶର କୋଣ ଅନୁକୋଣରୁ ବହୁ ସଂଖ୍ୟାରେ ମହିଳାମାନେ ଯୋଗଦାନ କରିବେ। ଏହି ଅଧିବେଶନରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହିବେ।

ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ବିଜୟା ରାହଟକରଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ମହାଧିବେଶନରେ କେନ୍ଦ୍ରମନ୍ତ୍ରୀ, ବିଜେପି ଶାସିତ ରାଜ୍ୟର ମହିଳା ମନ୍ତ୍ରୀ, ସାଂସଦ ଏବଂ ବିଧାୟକଙ୍କ ସମେତ ୬ ହଜାରରୁ ଉର୍ଦ୍ଧ ଜନପ୍ରତିନିଧୀମାନେ ସାମିଲ ହେବେ।

ଏହି ମହାଧିବେଶନରେ ବିଶେଷ କରି ଓଡିଶାରେ ବଢିଚାଲିଥିବା ମହିଳା ଅତ୍ୟାଚାର, ନାବାଳିକା ଦୁର୍ଷ୍କର୍ମ ଘଟଣା ଘଟିବା ଆଦି ପ୍ରସଙ୍ଗରେ ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ସହ ବିସ୍ତୃତ ଆଲୋଚନା କରାଯିବ । ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟର ବିଜେଡି ସରକାର ନିଜର ଅପରାଗତା ପଦାରେ ପଡିସାରିଛି । ଏଥିପାଇଁ ମହିଳା ସୁରକ୍ଷା ଦୃଷ୍ଟିରୁ ଏହି ଅଧବେଶନରେ ଏକ ପ୍ରସ୍ତାବ ରଖାଯିବ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତି ପରିଡା କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**